## ଜୟଗୁରୁ
## ନୀଳାଚଳ ସାରସ୍ୱତ ସଂଘ, ପୁରୀ
## ଶାଖା - ଆମେରିକା ସାରସ୍ୱତ ସଂଘ
## ୭୮୩ ତମ ଅଧିବେଶନର ବିବରଣୀ

ତାରିଖ -୧୦-୦୩-୨୦୨୧(ରବିବାର) ସମୟ ୭:୧୫-୧୧: ୪୫ (ET)

ପାଳିଆ- ଆର୍ଯ୍ୟାନ୍ , ସୁଶ୍ରୀ ମା

ଉପସ୍ଥିତ ଭାଇ ଓ ମା' ମାନେ: ଉପସ୍ଥିତ ଭକ୍ତମାନଙ୍କ ନାମ AMSAS Website Link ରେ ପାଇବେ ।

ଅଧିବାସ ପୂଜା - ଏକାଦଶୀ ହେତୁ ଅଧିବାସ ପୁଜ ଅନୁଷ୍ଠିତ ହୋଇ ନ ଥିଲା ।

### ପ୍ରଥମ ଅଧିବେଶନର ବିବରଣୀ (ରବିବାର ସକାଳ-୭:୧୫-୮:୪୫ ET)

ସକାଳ ପ୍ରାୟ ୭ଟା ୧୫ ମିନିଟ୍ ସମୟରେ 'କେତେ ଘୁମାଇଛୁ ବାଉଳା ଉଠ' ଓ 'ପ୍ରିୟତମ ଆଖିର ଅଦେଖା ମୋର' ପ୍ରତୀକ୍ଷା ସନ-ସଙ୍ଗୀତ ମାନ ଯଥାକ୍ରମେ ସୁଧାଶୁଂବାଳା ମା ଓ ଅମିତା ମା ଗାନ କରିଥିଲେ । ଏହି ସମୟରେ ଅନ୍ୟ ସବୁ ଭାଇ ଓ ମା'ମାନେ ଟେଲିଫୋନ୍ ମାଧ୍ୟମରେ ଓ ନିଗମ ସ୍ମୃତି ମନ୍ଦିରରେ ଉପସ୍ଥିତ ଭାଇ ଓ ମା'ମାନେ ନାଟ ମନ୍ଦିରରେ ଯୋଗ ଦେଇଥିଲେ । ନିଗମ ସ୍ମୃତି ମନ୍ଦିରରେ ଭକ୍ତମାନଙ୍କ ମିଳିତ ଆରତି ଗାନ ସହିତ ସାନୁଜିତ ଭାଇ ଶ୍ରୀଶ୍ରୀଠାକୁରଙ୍କ ପ୍ରଭାତୀ ଆରତି କରିଥିଲେ । ଆରତି ପରେ ସ୍ମିତା ବାଇ ମା'ନେତୃତ୍ୱରେ ବନ୍ଦଇ ଗୁରୁଚରଣ ଗାନ କରାଯାଇ ସ୍ତୋତ୍ର ବନ୍ଦନା କରାଯାଇଥିଲା । ତା'ପରେ ବ୍ରଜ ଭାଇ ପରିଚୟ ପତ୍ର, କରୋନା ଭୂତାଣୁ ମହାମାରୀ ସଂକ୍ରମଣ ରୁ ରକ୍ଷା ପାଇବା ପାଇଁ ପ୍ରାର୍ଥନା, ସମ୍ମିଳନୀ ପ୍ରାର୍ଥନା ଓ ନିଗମ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ପୂଜାର ସୁବ୍ୟବସ୍ଥା ପାଇଁ ପ୍ରାର୍ଥନା ପାଠକରାଇଥିଲେ । ତତ୍ପରେ ପଦ୍ମ ମା ସଂଘ-ସେବକ, ଏକତ୍ରିଂଶ ଭାଗ, ତୃତୀୟ ସଂଖ୍ୟାରୁ ବନ୍ଦନା, ପ୍ରାର୍ଥନା ଓ ପ୍ରାର୍ଥନାକାରୀଙ୍କ ପ୍ରତି ପାଠ କରିଥିଲେ, - ଏହି ସଂଖ୍ୟାରେ ବ୍ୟଷ୍ଟି ପ୍ରକୃତି କିପରି ନିଜକୁ ସ୍ୱତନ୍ତ୍ର ସତ୍ତା ଭାବରେ ଅନୁଭବ କରି ଜୀବକୁ ସୁଃଖ ଦୁଃଖ ରେ ଭାଗୀ କରେ ତାହା ଉପରେ ଆଲୋଚନା କରାଯାଇ ଥିଲା । ଏହାପରେ ବନଲତା ମା ଗୁରୁଗୀତାରୁ ୫୯ତମ ଶ୍ଳୋକ ପାଠ କରିଥିଲେ । ତତ୍ପରେ ସୁଶ୍ରୀ ମା ବାଲ୍ୟ ଭୋଗ ଓ ପରବର୍ତ୍ତୀ ଅଧିବେଶନ ପାଇଁ ନିମନ୍ତ୍ରଣ କରିବାପରେ 'ଜୟଗୁରୁ' ନାମ କୀର୍ତ୍ତନ କରାଯାଇଥିଲା ଓ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି ଆସନ ବନ୍ଦ କରାଯାଇ ବାଲ୍ୟଭୋଗ ନିବେଦନ କରାଯାଇଥିଲା ଓ ଉପସ୍ଥିତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ ।

### ଦ୍ୱିତୀୟ ଅଧିବେଶନର ବିବରଣୀ (ରବିବାର ସକାଳ ୯:୪୫ ରୁ ୧୧: ୪୫ ET)

ପୂଜା ମା 'କାହାର ବଇଁଶି ବାଜୁଛି ସଖୀରେ' ଓ ସୁକନ୍ୟା ମା 'ଲୁହ ଝରିଗଲା ଆଖିରେ ଆଖିରେ, ସୁନ୍ଦର ଚିର ସୁନ୍ଦର ତୁମେ' ଆବାହନ ସଙ୍ଗୀତ ମାନ ଗାନ କରିଥିଲେ । ଆବାହନ ଗାନ ସମୟରେ ଅନ୍ୟ ସବୁ ଭାଇ ଓ ମା'ମାନେ ଟେଲିଫୋନ୍ ମାଧ୍ୟମରେ ଓ ନିଗମ ସ୍ମୃତି ମନ୍ଦିରରେ ଉପସ୍ଥିତ ଭାଇ ଓ ମା'ମାନେ ନାଟ ମନ୍ଦିରରେ ଯୋଗ ଦେଇଥିଲେ । 'ଭବବନ୍ଧନ ମୋଚନ' ଗାନ କରାଯାଇ ପରଦା ଉନ୍ମୋଚନ କରାଯାଇଥିଲା । ଅର୍ପିତା ମା' 'ପଦ ବନ୍ଦେ ଗୁରୁଦେବ' ବନ୍ଦନା ଗାନ କଲାପରେ ବନଲତା ମା ପରିଚୟ ପତ୍ର ପାଠ କରିଥିଲେ । ପରେ ଲୀନା ମା' ବିଶ୍ୱପତି ପ୍ରଣାମ ଗାନ କରିଥିଲେ । ଉଷା ମା ନିଗମ ଉପଦେଶରୁ ପୃଷ୍ଠା ୯୯-୧୦୨ ରୁ 'The Concept of Bramha' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ । ଏଥିରେ ଶ୍ରୀଶ୍ରୀଠାକୁର ଭାରତ ବାସୀ ମାନଙ୍କୁ ଆହ୍ୱାନ କରି ନିଜକୁ ଦେଶ ଜାତି ପ୍ରତି ସର୍ମପିତ ହେବାକୁ ଉପଦେଶ ଦେଇଛନ୍ତି । ତା'ପରେ ରଶ୍ମି ଚୌଧୁରୀ ମା' ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ ।

ଶ୍ୱେତା ମା ପଞ୍ଚ ସନ୍ନ୍ୟାସିନୀ ଶିଷ୍ୟା ପୁସ୍ତକ ରୁ ୩୫-୩୮ ପୃଷ୍ଠା ପର୍ଯ୍ୟନ୍ତ - ଶ୍ରୀ ଶ୍ରୀ ଠାକୁରଙ୍କ ଅନ୍ୟତମ ସନ୍ନ୍ୟାସୀ ଶିଷ୍ୟା ହେମଲତା ମା' ଯେ କି ପରବର୍ତ୍ତୀ ସମୟରେ ଭୈରବୀ ମା' ହୋଇଥିଲେ ତାଙ୍କର ସାଧନ ଜୀବନ ଉପରେ ପାଠ କରାଯାଇଥିଲା । ଶିବାନୀ ମହାନ୍ତି ମା 'ତୁମରି ବିନା କାହିଁକି ଭଲ ଲାଗେନା ' ପ୍ରାର୍ଥନା ଗାନ କଲାପରେ ପଲ୍ଲବୀ ମା ସଂସାର ପଥେ - Part-1 - ରୁ ଅଦ୍ୱେତ ଜ୍ଞାନ - ଏହାର ପ୍ରକାର ଭେଦ ଓ ସାଧକ ଏହା ଲାଭ କଲେ କିପରି ଅବସ୍ଥାରେ ଉପନୀତ ହୁଏ ତାହା ପାଠ କରିଥିଲେ ।

ଏହାପରେ ଭକ୍ତି ମା ପୁଣ୍ୟ ନଦୀର  ଧାରେ ରେ ପ୍ରାର୍ଥନା ଗାନ କରିଥିଲେ । ଶ୍ରେୟା ମା Young aspirant ମାନଙ୍କ ଉପସ୍ଥାନ ନେଇଥିଲେ ଓ  Young aspirant ମାନଙ୍କ ସହିତ ଆଲୋଚନା କରିଥିଲେ । ପାଳିଆ ଆର୍ଯ୍ୟାନ୍  ଓ ସୁଶ୍ରୀ ମା  ଭାବ ବିନିମୟ କରିଥିଲେ । ପରେ ସାର୍ଥକ୍ ଓ ମିଲୁ ମା ଆସନ୍ତା ସଂଘପୂଜା ଅଧିବେଶନ ଅକ୍ଟୋବର ୧୦ ୨୦୨୧  ତାରିଖ ରବିବାର ସକାଳେ ଅନୁଷ୍ଠିତ ହେବାପାଇଁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ସହିତ ଭକ୍ତ ଭାଇ, ମା' ଓ Young aspirant ମାନଙ୍କୁ ନିମନ୍ତ୍ରଣ କରିଥିଲେ । ସୁଶ୍ରୀ ମା ଶ୍ରୀଶ୍ରୀଠାକୁରଙ୍କୁ ମଧ୍ୟାହ୍ନ ଭୋଗ ଓ ସାନ୍ଧ୍ୟ ଅଧିବେଶନ ପୂଜା ପାଇଁ ନିମନ୍ତ୍ରଣ କଲାପରେ ପାଳିସେବାରେ ହୋଇଥିବା ସମସ୍ତ ଦୋଷତ୍ରୁଟି ଓ ସେବାରେ ଥିବା ଅନ୍ୟ ଭାଇ, ମା' ଓ Young aspirant ମାନଙ୍କ ତରଫରୁ ଶ୍ରୀଶ୍ରୀଠାକୁର ମହାରାଜ ଏବଂ ଉପସ୍ଥିତଭକ୍ତମାନଙ୍କ  ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ ।

ପରିଶେଷରେ, ବନ୍ଦିତା ମାଙ୍କ ନେତୃତ୍ୱରେ  'ଦେବେର ଦୁର୍ଲ୍ଲଭ ତବ ଚରନ ଜୁଗଲ' ବିଦାୟ ପ୍ରାର୍ଥନା କରାଯାଇ ଥିଲା ଓ ପରେ 'ଜୟଗୁରୁ' ନାମ କୀର୍ତ୍ତନ କରାଯାଇ ପ୍ରଣାମ ପରେ ଆସନ ବନ୍ଦକରାଯାଇଥିଲା । ବିଶ୍ୱଜିତ୍ ରାୟ ଭାଇ ସଂଘସେବୀମାନଙ୍କର ଉପସ୍ଥାନ ନେଇଥିଲେ । ତତ୍ପରେ ଭାଇ ଓ ମା' ଓ Young aspirant ମାନେ ଜୟଗୁରୁପ୍ରେମସମ୍ଭାଷଣ କରି ବିଦାୟ ନେଲେ । ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ମଧ୍ୟାହ୍ନ ଭୋଗ ନିବେଦନ ହେଲା ପରେ ଉପସ୍ଥିତ ସମସ୍ତ ଭକ୍ତବୃନ୍ଦ ପ୍ରସାଦ ସେବନ  କରିଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଚରଣାଶ୍ରିତ

- ଆର୍ଯ୍ୟାନ୍  ଓ ସୁଶ୍ରୀ ମା